
# ଉଧାର ଆତ୍ମକଥା



ଶ୍ରୀ ଯୋଗେନ୍ଦ୍ର ଦାଶ

# ବନ୍ଦୀର ଆତ୍ମକଥା

"ଦେଶବାସୀ ବନ୍ଧୁ ଆତ୍ମୀୟ ସୋଦର,
କାରାଦଣ୍ଡେ ମୋର ହେଲ କି କାତର ?
ଥିଲା ଏହା ଆଗୁଁ ଜଣାଶୁଣା କଥା,
ସେଥିପାଇଁ ତେବେ କାହିଁ ମନେ ବ୍ୟଥା
କାତରତା ସିନା କାପୁରୁଷପଣ,
ବୀର ମାରେ ଅବା ମରେ କରି ରଣ ।
ପଛଘୁଞ୍ଚା ନାହିଁ ବୀରର ଜାତକେ,
ନ ମରେ ସେ କେଭେଁ ପରାଣ ଆତଙ୍କେ
ଜାଣିଛୁ, ଲଢିଛୁ ଏ ଶାନ୍ତି-ସମର,
ନାହିଁ ଏଥି ତୋପ ହାତହତିଆର ।
ବଳ ବା ବିଭବ ନାହିଁ ଏଥି ଲୋଡ଼ା,
ନାହିଁ ଲୋଡ଼ା ଯାନ ରଥ ହାତି ଘୋଡ଼ା ।
ଆଧ୍ୟାତ୍ମିକ ବଳେ ଲଢିଛୁ ଲଢ଼ାଇ,
ଭାଙ୍ଗିବାକୁ ପଶୁବଳର ବଡ଼ାଇ ।
ଛାଡ଼ି ଧନ-ଆଶା ଘରଦ୍ୱାର-ମାୟା
ଅସଙ୍ଗଶସ୍ତ୍ରେ ଯେ ସାଜିଅଛି କାୟା,
ଅହିଂସା-ବଳରେ ଯେହୁ ବଳୀୟାନ,
ଏ ରଣପ୍ରାଙ୍ଗଣେ ତା'ର ଏକା ସ୍ଥାନ ।

ଏଥିତରେ ପ୍ରଥମ ଫଳ କାରାଦଣ୍ଡ,
ପଛେ ହୋଇଘାରେ ଦେହ ଖଣ୍ଡ ଖଣ୍ଡ;
ବୁଝି ଏହା ମୁହିଁ ପଶିଛି ସଂଗ୍ରାମେ,
ନାହିଁ ମୋ ବିଚାର ମାନ ଅପମାନେ ।
ମିଶୁ ମୋର ଦେହ ଏ ଦେଶମାଟିରେ
ଦେଶବାସୀ ଚାଲିଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ-ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ-ହାଡ଼ ।
ସ୍ୱାଧୀନତା-ପଥେ ଭଲେ ହେଲେ ନର
ମୋ ଜୀବନ ଦାନେ ହେଉ ଅଗ୍ରସର ।
ମଙ୍ଗଳମୟଙ୍କ ସୁମଙ୍ଗଳ ଇଚ୍ଛା
ପରୁ ଏ ପରାଣେ ଏହି ଶେଷ ଭିକ୍ଷା ।” ୧୫ ।

( ୨ )

“ହେ ଉତ୍କଳବାସୀ ମୋ ଭାଇ ଭଉଣି,
ମୋ ଦଣ୍ଡ-ବାରତା ସର୍ବେ ଥିବ ଶୁଣି ।
ଶୁଣି କି ହେ ମନେ କରୁଛ ଶୋଚନା ?
ଶୋଚନା କିପାଁ ? ଏ ମୋ କର୍ମ ରଚନା ।
କହୁଥିଲି ପରା ବୁଲି ଗ୍ରାମ ଗ୍ରାମ,
‘ଦେଶ ପାଇଁ ଧନ ପାଇଁ କର କାମ,

ମିଳେ ଯଦି କାହା ଭାଗ୍ୟେ କାରାବାସ,
କାରା ନୁହଇ ସେ ପବିତ୍ର ପ୍ରବାସ ।
ଆସି ଏଥି ସୁଦ୍ଧା ଏବେ ମୋ ବର୍ଷର
ଏ ଜାତୀୟ-ମୁକ୍ତି-ସ୍ୱରଗ-ଦୁଆର ।
ନୀରବେ ଭୋଗୁଛି ବସି କାରାବାସ
ଚାହୁଁ ଚାହୁଁ ଏବେ ଗଲା ଚାରି ମାସ ।
ଏହିପରି ଗଲେ ଚଉବିଂଶ ମାସ
ଫିଟିବ ମୋହର ବନ୍ଧ ନାଗଫାଶ ।
ବରଷାରେ ମହାନଦୀ-ସ୍ରୋତ ପ୍ରାୟେ
ଦିନ ପରେ ଦିନ କେତେ ବେଗେ ଯାଏ ।
କାଲ ପରି ମୋର ପୂରିବ ମିଆଦ;
ଦିଅ ଭାଇ ମୋତେ ଏହି ଆଶୀର୍ବାଦ—
ମୁକୁଳ ଦ୍ୱିଗୁଣ ତେଜେ ନବ ବଳେ
ଖଟେ ଯାଇ ପୁଣି ତୁମ୍ଭ ପାଦତଳେ ।
ପୂର୍ବ ପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଉରବ ଗାନ ।
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ କଲେ ତନୁ କ୍ଷୟ,
ମାନବ-ଜନମ ହୁଅଇ ସଫଳ
ଏ ମହାଆଶା କି ବୁଝିବ ଉତ୍କଳ ?

ରାଷ୍ଟ୍ରୀୟ ମମତା ବିଶ୍ୱଜନ-ପ୍ରୀତି,
ଉତ୍କଳବାସୀର ହେଉ ଏହା ମତି,
ମାଇବ ନିଷ୍ଠୁରେ ବସି ବନ୍ଦୀଘରେ,
ମାଗେ ଏହି ଭିକ୍ଷା ପ୍ରଭୁ ଶ୍ରୀ ପଦରେ ।” ୧୫ ।

( ୩ )

“ହେ ଭାଇ ଭଉଣୀ ହେ ଉତ୍କଳବାସି,
ସ୍ୱରାଜ୍ୟ-ସାଧନେ ନ ହୁଅ ଉଦାସୀ ।
ଯେ ଆଶାରେ ଥରେ କରିଛ ବିଶ୍ୱାସ,
ନ ଛାଡ଼ ତା ଥିବା ଯାଏଁ ନିଶ୍ୱାସ ।
ସ୍ୱରାଜ୍ୟ ମାନବ ଜନ୍ମ ଅଧିକାର;
ଏହା ବିନେ ଦେଶ ହୁଏ ଛାରଖାର ।
ଅଙ୍ଗେ ନିଭାଉଛ କେତେ କି ଅବସ୍ଥା,
ଅନ୍ନ ବସ୍ତ୍ର ଆଉ ହେବ କି ହେ ଶସ୍ତା ?
ବନ୍ଦୋବସ୍ତ ପରେ ଆସେ ବନ୍ଦୋବସ୍ତ,
ପ୍ରଜାକୁଳ କ୍ରମେ ଭଜିଲେଣି ଅସ୍ତ ।
କେତେ ନାମେ କେତେ ପ୍ରକାରରେ କର,
ଦେଇ ପ୍ରଜାଙ୍କର ଭାଙ୍ଗିଲଣି ଘର ।
ଖାଇବା ବାସନ ହେଉଛି ନିଲାମ,
ତେବେ ହେଲେ ନାହିଁ କରର ବିରାମ ।

ସହି ନାନା ଦୁଃଖ ଯାତନା ସତତ,
ନାହିଁ ଆଉ ତୁମ୍ଭ ଶରୀରେ ରକତ ।
ଜାଣେ ମୁଁ କରୁଛ ନାନା ଆଉ ଖ୍ୟାତି;
ଡରାଇ ଶାସିବା ହୀନ ରାଜନୀତି ।"

× × ×

"ରହିବ ନାହିଁ ଏ ନୀତି କାଳେ କାଳେ,
ନାଶଯିବ ସତ୍ୟ-ନ୍ୟାୟ-କରବାଳେ ।
ପ୍ରଜା ଲାଗି କଲେ ପ୍ରଜାପତି ସୃଷ୍ଟି,
ପ୍ରଜା ଲାଗି ଇନ୍ଦ୍ର କରେ ଜଳ ବୃଷ୍ଟି ।
ପ୍ରଜା ଲାଗି ଉଦେ ରବି ଶଶୀ ତାରା,
ପ୍ରଜା ଲାଗି ବହେ ଶତ ନଦୀଧାରା,
ପ୍ରଜା ଲାଗି ରାଜ୍ୟ, ପ୍ରଜାର ଶାସନ,
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।
ଭାରତର ରାଜଧର୍ମ ସନାତନ—
ପରଜା ରକ୍ଷଣ ପାଳନ ରଞ୍ଜନ ।
ସ୍ୱରାଜ୍ୟ ଏ ନୀତି ହୋଇବ ପ୍ରଚୁର,
ନ ରହିବ ଆଉ ଦୁଃଖ ଦୁରାତୁର ।
ନ ସହିବ କଷ୍ଟ କେହି ଅନାହାରେ,
ନ ମରିବ ଦୁଃଖୀ ଧନୀଙ୍କ ପ୍ରହାରେ ।

ଡଗଇ ଶାସିବା ମାତ୍ର ଭଙ୍ଗିଯିବ,
ପ୍ରଜାଙ୍କ ମତରେ ଶାସନ ଚଳିବ ।
ଏହି ନବ ଯୁଗ ଆଣିବା ସକାଶେ,
ଗାନ୍ଧି ରହିଛନ୍ତି ସିନା କାରାବାସେ ।
ଭାରତର କେତେ କେତେ ମହାଜନ
ବନ୍ଦୀଶାଳେ ଏବେ କଟାନ୍ତି ଜୀବନ ।
ମୁଁ ଅତି ସାମାନ୍ୟ ତାଙ୍କ ଅନୁଚର,
ତୁମ ଅକିଞ୍ଚନ ଆତ୍ମୀୟ ସୋଦର ।
ଉତ୍କଳମାତାର ଆଉ କେତେ ସୁତ-
ସଙ୍ଗେ କାରାଗାରେ କଳି ପିଣ୍ଡ ପୂତ ।
ବସି ଏଥି ସଦା ରହିଛି ଅନାଇଁ
କାରାଦ୍ୱାର ଛିଦ୍ରେ ତୁମ ଆଡ଼େ ଭାଇ !
ଅରଟ ଚଳାଅ ପ୍ରତି ଘରେ ଘରେ,
ଗ୍ରାମର କଳହ ତୁଟାଅ ଗ୍ରାମରେ ।
ଚାଲ ସତ୍ୟପଥେ ନାହିଁ ଡର ଭୟ,
ଅସହଯୋଗରେ ବିଜୟ ନିଶ୍ଚୟ ।
ଛାଡ଼ି ଉଚ୍ଚ ନୀଚ ଭେଦ ଅହଙ୍କାର,
ହେଉ ନୀଳାଚଳୁଁ ସମତା ପ୍ରଚାର ।
ଖଣ୍ଡଗିରି ଭେଦି ଅହିଂସା-ମନ୍ତ୍ର

ନୀଳାଚଳନାଥ ପ୍ରଭୁ ଶ୍ରୀନିବାସ
ପୂରାଇବେ ଆଶା ରଖ ଏ ବିଶ୍ୱାସ ।" ୨୭ ।

( ୪ )

"ଭାରତେ ଉତ୍କଳ ମହା ପୁଣ୍ୟଧାମ,
ଭାରତ-ପାଞ୍ଜିରେ ନ ଥିଲା ତା ନାମ;
ସାହସ, ସାହିତ୍ୟ, ଧନ, ମାନ ବଳେ
ଉତ୍କଳର ନାମ ସମସ୍ତଙ୍କ ତଳେ ।
ଭାରତ ଜାତୀୟ ମହାସମ୍ମିଳନେ
ନ ବସେ ଉତ୍କଳ ସ୍ୱତନ୍ତ୍ର ଆସନେ;
ତେଣୁ ଜଗନ୍ନାଥ କରୁଣାନିଧାନ
କରୁଣା କଟାକ୍ଷେ କଲେ ଅବଧାନ ।
ଅସହଯୋଗର ପବିତ୍ର ସରିତ
ଉତ୍କଳର ବକ୍ଷେ ହେଲା ପ୍ରବାହିତ ।
ଗାନ୍ଧି ଭଗୀରଥ ନିଜ ପୁଣ୍ୟବଳେ
ଆଣିଲେ ଅସଙ୍ଗ ଜାହ୍ନବୀ ଉତ୍କଳେ ।
ହିମାଚଳଠାରୁ ସୀମାଚଳ ଧରି
କୁମାରିକା ଯାଏ ଖେଳିଲା ଲହରୀ ।
ଉତ୍କଳେ ସେ ପୁଣ୍ୟ ସ୍ରୋତ ଶତ ଧାରେ
ବହେ ପୁରପଲ୍ଲୀ କାନ୍ତାରେ ପ୍ରାନ୍ତରେ ।

ଉତ୍କଳେ ଅସଙ୍ଗ-ପ୍ରବାହେ ଭରତ
ବାହୁଛନ୍ତି ଯେନ୍ତ ସ୍ୱରାଜ୍ୟ-ବୋଇତ;
ସେ ଦଳରେ ମୁହିଁ ଅକିଞ୍ଚନ ଜଣେ
ମୋଡ଼ୁଥିଲି 'ନାବ-ମଙ୍ଗ ପ୍ରାଣପଣେ ।
ସ୍ୱରାଜ୍ୟ-ବଇରି ଦଳ ହାତେ ପଡ଼ି
ମୋ ହାତେ ଲାଗିଛି ଏବେ ଲୁହାକଡ଼ି ।
ଆଜି କେତେ ଜଣ ନାଉରିଆ ଭାଇ
ମୋ ସଙ୍ଗତେ ସମ ଦଶା ଛନ୍ତି ପାଇ ।
ଉତ୍କଳନିବାସୀ ଏ ଦଶା ଦେଖିଣ
ନିରାଶରେ ବଳ କର କି ହେ କ୍ଷୀଣ ?
କର କି ଭାବନା କାଣ୍ଡାରି ବିହୁନେ
ଚଳିବ ସ୍ୱରାଜ୍ୟ-ବୋଇତ କେସନେ ?
ନ ଅଟକେ କର୍ମ ନେତାର ଅଭାବେ,
ଧର୍ମ-ନାବ ଚଳେ ଧର୍ମର ପ୍ରଭାବେ ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ,
ଉତ୍କଳର ନେତା ନିଜେ ନାରାୟଣ ।
ଇତିହାସେ ଶୁଣିଅଛ ଜନଶ୍ରୁତି
କାଞ୍ଚିଯୁଦ୍ଧ କାଳେ ଉତ୍କଳ ବିଭୂତି;
ଶୁଣିଛ ତ ପ୍ରଭୁ ନୀଳାଦ୍ରିନାୟକ
ବିଜେ ଧରି ହାତେ କୃପାଣ ଶାୟକ,

ଉତ୍କଳ ପ୍ରଧାନ ସେନାପତି ପଣେ
ହୋଇଥିଲେ ବିଜେ ସମର-ପ୍ରାଙ୍ଗଣେ ।
ଉଡ଼ିଲା ଉତ୍କଳ ଜୟ-ବୈଜୟନ୍ତୀ
ଆଜଯାଏ ଏହା ଗାଏ କିମ୍ବଦନ୍ତୀ ।
ଏବେ ସୁଦ୍ଧା ଦେଖ ନୀଳାଚଳେ ଯାଇ
କଳା ଧଳା ଘୋଡ଼ା ପରେ ବେନି ଭାଇ,
ବୀରମୂର୍ତ୍ତି ଦିଶେ ଯେସନେ ଅଗ୍ନି ଶିଖା
ଦଧି ମୂଲ୍ୟ ମାଗେ ଗୁମୁରେ ମାଣିକା ।
ଏ ଛବି ତ ନୁହେ ଶିଳ୍ପୀର କଳ୍ପନା,
ଏ ସତ୍ୟର ସାକ୍ଷୀ ମାଣିକପାଟଣା ।
ଏହି ସେ ଉତ୍କଳ ପୁଣ୍ୟ ଦେବସ୍ଥଳୀ,
ହୋଇଛନ୍ତି ଠୁଳ ସର୍ବ ତୀର୍ଥାବଳୀ ।
ତା ମଧ୍ୟେ ବିରାଜେ ପୁଣ୍ୟ ନୀଳାଚଳ
ଭାରତର ଧର୍ମ-ହ୍ରଦ-ଶତଦଳ ।
ଏବେ ନୀଳାଚଳେ ବିଜେ ଜଗନ୍ନାଥ,
ତେବେ କିପାଁ କହ ଉତ୍କଳ ଅନାଥ ?
ନାହିଁ ପୂର୍ବ ବଳ, ନାହିଁ ପୂର୍ବ ଧର୍ମ,
ନାହିଁ ପୂର୍ବ ସତ୍ୟ, ନାହିଁ ପୂର୍ବ କର୍ମ ।
ଉତ୍କଳବାସୀର ଦେଖି ଏ ଦୁର୍ଗତି
ଦାରୁଭୂତ ଏବେ ନୀଳାଚଳପତି ।

ମାନ ବୁଝ ଭାଇ, ହେଲେ ଧର୍ମବଳ
ନବ ତେଜେ ପୁଣି ଜାଗିବ ଉତ୍କଳ ।
କ୍ଷୀଣ ହେଲେ କେବେ ଧାର୍ମିକ ଶକତି
ଆସନ୍ତି ଓହ୍ଲାଇ ପ୍ରଭୁ ବିଶ୍ୱପତି;
ନିତ୍ୟଧାମୁଁ ଛାଡ଼ି ରତ୍ନସିଂହାସନ
କରିବାକୁ ଧର୍ମପକ୍ଷ ସମର୍ଥନ ।
ଏ ବିଶ୍ୱାସେ ମନ ଦୃଢ଼କର ଭାଇ,
ନେତାର ଅଭାବ ଲାଗି ଭାବ ନାହିଁ ।
କର୍ମଭୂମେ କିଏ ନେତା କେବା ମିତ,
ସରବେ ନିମିତ୍ତ ବିଧି-ନିୟୋଜିତ ।
ଉତ୍କଳନିବାସୀ ସର୍ବ ନରନାରୀ,
ଶୁଣ ହେ ଏ ବନ୍ଦୀଭାଇର ଗୁହାରି—
ଦଗ୍ଧ ହେଉ ଦେହ, ଭସ୍ମ ହେଉ ଘର,
ସ୍ୱରାଜ୍ୟ-ସାଧନେ କେବେହେଁ ନ ଡର ।
ନ ଛାଡ଼ ସାହସ, ନ ହୁଅ ନିରାଶ,
ହେଲେ ହେଉ ପଛେ କାରାଗାରେ ବାସ ।
ନ ହୁଡ଼ ସୁରାଜ୍ୟ ଶାନ୍ତି-ସତ୍ୟ-ପଥ
ଲାଗୁ ସିଂହଦ୍ୱାରେ ନନ୍ଦିଘୋଷ ରଥ ।" ୩୭ ।

( ୪ )

"ଶାସନ-ରକ୍ଷକ କଟ୍ଟୁଆଳ ଦଳ
ନେଉଛନ୍ତି ମୋତେ ଛଡ଼ାଇ ଉତ୍କଳ ।

ରଖି ଆସିବେ ସେ ଆନ କାରାଗାରେ
କାହିଁ ବହୁ ଦୂରେ ଉତ୍କଳ ବାହାରେ ।
ନ ଦେଖିବେ ବୋଲି କେହି ଦେଶଭାଇ
ଗଭୀର ଜଣିଥେ ନଅନ୍ତୁ ଲୁଚାଇ ।
ନଅନ୍ତୁ ଯେପରି ରଖନ୍ତୁ ସେ ଭଲେ,
ସେଥିଲାଗି ମୋର ଦୁଃଖ ନାହିଁ ତିଳେ ।
ମାତ୍ର ଉତ୍କଳକୁଁ ମୁଁ ଯାଉଛି ଯେ ଦୂରେ
ବାଜିଲେ ଏ ବାର୍ତ୍ତା କାଲି ପଲ୍ଲି ପୁରେ,
ଜାଣେ ଉତ୍କଳର କେତେ ନରନାରୀ
ବ୍ୟଥିତ ପରାଣେ ହେବେ ନେତ୍ରେ ଧାରି ।
ନିର୍ବେଦେ କହିବେ କେହି ଆହା ଆହା,
ଆନେ ବୋଲିବେ ସେ ପଥେ ଫଳ ତାହା ।
ଗ୍ରାମୁଁ ଗ୍ରାମାନ୍ତରେ ଗଲେ ଏ ସମ୍ବାଦ
ପଲ୍ଲି ନରନାରୀ ଭଜିବେ ବିଷାଦ ।
କେଜାଣି କେ ଅବା ପାଇ ବୃଥା ଭୟ
ଅସହଯୋଗରୁ ଛାଡ଼ିଦେବେ ଲୟ—
ଏ ଭାବନା ଏକା ମନ୍ଥେ ମୋ ଅନ୍ତର
ନିଜ ନିର୍ବାସନେ ନୁହେ ମୁଁ କାତର ।
ମନେପଡ଼େ କେତେ ଅଞ୍ଚଳର ଭାଇ
ଡାକିଥିଲେ ତେଣେ ଥରେ ଯିବା ପାଇଁ ।

କେତେ କେତେ ଗ୍ରାମେ ବୁଲି ଦ୍ୱାର ଦ୍ୱାର
କହିଛି ସ୍ୱରାଜ୍ୟ-ଶୁଭ-ସମାଚାର ।
ତଥାପି ରହିଛି କେତେ ସ୍ଥାନ ବାକି,
ମୋ ଯିବାକୁ ଲୋକେ ରହିଥିଲେ ଟାକି ।
କେବେ ଫେରି ପୁଣି ଯାଇ ତାଙ୍କ ପାଶେ
କ୍ଷମା ମାଗିବି ମୋ ବିଲମ୍ବ ସକାଶେ ।
ଦେଖିବି କେବେ ସେ ପ୍ରିୟଜନ ମୁଖ,
ଏ ଭାବନା ଏବେ ଜନମାଏ ଦୁଃଖ ।
ହେ ଉତ୍କଳବାସି ମୋ ଭାଇ ଭଉଣୀ,
କରିଅଛ ସ୍ନେହେ ମୋତେ ଚିରଋଣୀ ।
ଯାଇଅଛି ଯହିଁ ପାଇଛି ଆଦର,
ଶୁଣିଛ ଶ୍ରଦ୍ଧାରେ ସନ୍ଦେଶ ମୋହର ।
ତୁମ୍ଭ ହିତେ ମୋର ଦୁର୍ବଳ ପ୍ରୟାସ
ଜାଣେ କରିଅଛ ମନେ ଏ ବିଶ୍ୱାସ ।
ମୋ ସମ୍ବଳ ତୁମ୍ଭ ସେନେହ ଶରଧା
ସୁମରୁଥିବି ମୁଁ ଯହିଁ ଥିଲେ ସଦା ।
କିନ୍ତୁ ମୋ ବିରହେ କେବଳ ଶୋଚନା
କାହିରେ ନ ଦେବ ଏ ପ୍ରାଣେ ସାନ୍ତ୍ୱନା ।
ଦେଖିଛି ଉତ୍କଳେ ଯେ ଦୃଶ୍ୟ ନୟନେ
ଉଦଏ ତା ଭୂତ ପରଦେ ଶୟନେ ।

କେତେ କେତେ କୃଷୀ ଭଲ ଭଲ ଲୋକ
ନ ପାନ୍ତି ଦି’ ବେଳା ପେଟପୂରା ତୋକ ।
ଥିଲେ ଯେହୁ ମଲ୍ଲ ଉତ୍କଳ ସୈନିକ,
ପାଇକ ପ୍ରଧାନ ମାଗୁଛନ୍ତି ଭିକ ।
ଦେହେ ନାହିଁ ମାଂସ ଦୋହଲୁଛି କଣ୍ଠା,
ଅନାହାରେ ଆହା ନ ଉଠଇ ଅଣ୍ଟା !
ଅର୍ଜ୍ଜନ୍ତି ଯା ଭୂଣ୍ଡେ ମାରି ମୁଣ୍ଡଝାଳ
ଦୁଷ୍ଟ ମହାଜନ, ଗ୍ରାମ କଟୁଆଳ,
ପ୍ରଜାରକ୍ତ ଶୋଷି କେତେ ଜମିଦାର
ହରନ୍ତି ସର୍ବସ୍ୱ ବଜାଇ ପାହାର ।
ଉତ୍କଳର କେତେ କନ୍ୟା ନାରଖାର
ନ କରନ୍ତି ପେଟ ପୂରଇ ଆହାର ।
ଲଜ୍ଜା ଢାଙ୍କିବାକୁ ନ ପାନ୍ତି ବସନ,
ଫୁଟେ ନାହିଁ କେବେ ଅଙ୍ଗେ ଯଉବନ ।
ଚିକିତ୍ସା ନ ପାଇ ଘରକଣେ ପଡ଼ି
ରୋଗ, ଅନାହାରେ କେବା ମରେ ଗଡ଼ି ।
ଉଦରଜାଳାରେ କେତେ ନରନାରୀ
ଛାଡ଼ି ଘରଦ୍ୱାର ଯାଆନ୍ତି ବାହାରି ।
ପଡ଼ିଅଛି ଉହ କାହିଁ ବା ଗୃଳିଆ
ଶ୍ମଶାନ ପରାୟେ ଦିଶେ ନଗ୍ରଟିଆ ।

ପଶିଗଲେ ଗ୍ରାମେ ନ ଶୁଭେ ଶବଦ,
ଦେବମନ୍ତ୍ର କବା ଭାଗବତ ପଦ ।
ଗ୍ରାମବାସୀଗଣେ ନାହିଁ ପୂର୍ବ ମେଳ,
ଶିଶୁ ଖେଳେ ଦାଣ୍ଡ ନ ହୁଏ ଉଚ୍ଛେଳ ।
ଶୋଉଅଛୁ ଭାଙ୍ଗି ଗ୍ରାମ ଦେବାଳୟ,
ପୂରିଲଣି ପଙ୍କବନ୍ଧେ ଜଳାଶୟ ।
ଗ୍ରାମର ଗୋକୁଳ କ୍ରମେ ଅତି କ୍ଷୀଣ,
ଯେଣେ ଅନାଇବ ସବୁ ଶିରୀହୀନ ।
ନାହିଁ ଜନମୁଖେ ସତ୍ୟ-ଧର୍ମ-କାନ୍ତି,
ନାହିଁ ହୃଦେ ଶୌଚ ପ୍ରାଣେ ସ୍ନେହ ଶାନ୍ତି ।
ପର ପ୍ରବଚନା କଟେରୀ-ବଗୁର
ଗ୍ରାମମୁଖିଆଙ୍କ ନିତ୍ୟ କାରବାର ।
ଆତ୍ମୀୟ ସୋଦର ପ୍ରତିବେଶୀ ସଙ୍ଗ
ମିଛ ସ୍ୱାର୍ଥ ଲାଗି ଲଗାନ୍ତି କଳହ ।
ରାଜଦରବାରେ ବୃଥା ଅର୍ଥକ୍ଷୟ,
ଶେଷେ ସମଦଶା ଜୟ ପରାଜୟ ।
ଶାସନ-କୁହୁକେ ସର୍ବେ ଅବସନ୍ନ
ବ୍ୟାଧଜାଲେ ପଡ଼ି କପୋତ ଯେସନ;
ଜାଲେ ହଣାହଣି ସ୍ୱଦଶା ନ ଜାଣି
ଫଳେ ସର୍ବନାଶ ଧର୍ମ-ଅର୍ଥହାନି ।

ଦେଖିଣ ସ୍ୱଦେଶୀ ଦ୍ରବ୍ୟ ଝଲମଲ
ଲୋଡ଼ନ୍ତି ପତଙ୍ଗ ଯେସନ ଅନଳ ।
ହେଉଅଛି କଂସା ହଣ୍ଡା ଜମିବଳା,
ବୁଡ଼ିଲାଣି କେତେ ଜାତିର ଜୀବିକା ।
ଏହା ପରେ କ୍ରମେ ବଢ଼େ କର-ଦାଉ,
ଏ ଦଶା ରହିବ କେତେ ଦିନ ଆଉ ?
ସରିଲାଣି ସାର ପଡ଼ିଅଛି ସିଠା,
ନାହିଁ ଗର୍ଭେ ପୁର ଦିଶେଁ ପୋଲ ପିଠା ।
ଉଭେଇଛି ଖଣ୍ଡା ଦୋହଲଇ ଖାପ;
ରହିଛି ଅଙ୍ଗାର ନାହିଁ ତେଜ ତାପ ।
ପଡ଼ିଅଛି ପିଣ୍ଡ ଯାଇଛି ପରାଣ,
ଦେଖିଲେ ଏ ଦଶା ବୁଡ଼େ ବୁଦ୍ଧି-ଜ୍ଞାନ ।
ସଢ଼ି ମଞ୍ଜି ଗଛେ ରହିଛି ବକଲ,
ସୁନ୍ଦର ସକଳ ବିକଟ ବିକଳ !
ଫେରିବ ଏ ଦଶା ସୁଖୀ ହେବ ପ୍ରଜା,
ଉଷୁନା ଧାନ କି ସତେ ହେବ ଗଜା ?
ଉତ୍କଳର ଏହି ଚିତ୍ର ନିଦାରୁଣ
ନାଚିବ ମୋ ଆଖି ଆଗେ ପୁଣ ପୁଣ ।
ଏକେ କାରାବାସ ଦୂର ପରଦେଶ
ଦେଶଦଶା ତହିଁ ମନେ ଦେଲେ କ୍ଲେଶ;

କି ଭାବ ପରାଣେ ପାଇବ ଆଶ୍ୱାସ,
ପୋଛିବ ଲୋତକ ଧରି କି ସାହସ ?
ହେ ଉତ୍କଳବାସି ଆତ୍ମୀୟ ସ୍ୱଜନ !
ମୁଁ ଯେବେ ତୁମ୍ଭର ସେନେହଭାଜନ,
କର ଯୋଡ଼ି କରେଁ ବିନତି ଏତିକି,
ଅସହଯୋଗରେ ରଖିବ ମତିକି ।
ଢାଳିଦିଅ ପ୍ରାଣ ସ୍ୱରାଜ୍ୟ-ସାଧନେ,
ଆଶ୍ୱାସିବ ଯେବେ ମୋତେ ନିର୍ବାସନେ ।
ନ ହୁଅ ନିରାଶ, ନ ହୁଅ ଦୁଃଖିତ,
ଉତ୍କଳର ଦେଖି ଦୁଃଖମୟ ଚିତ୍ର ।
ସୁଖ-ଦୁଃଖ-ଚକ୍ର ଘୂରେ ନିରନ୍ତର,
ଏକ ପରେ ଆନ ଆସିବ ମୁକର ।
ଆଲୁଅ ଅନ୍ଧାର ଖେଳେ ଲୁଚକାଳି,
ଆସିବ ଆଲୁଅ ପଡ଼ିଲାଣି ପାଳି ।
ଅହଅଛି ଏବେ ନସ ମାହେନ୍ଦ୍ର ବେଳା,
କର ନାହିଁ ଭାଇ ! ଏତେବେଳେ ହେଳା ।
ଉଇଁ ଆସୁଅଛି ସ୍ୱରାଜ୍ୟ-ତପନ,
ଭାରତେ ଜାଗ୍ରତ ନରନାରୀଗଣ ।
ଘୁମାଇ ନ ରହ ଏ ସମୟେ ଆଜ,
ଉଠ ଉଠ ବେଗେ ବେଳ ଥାଉଁ ଥାଉଁ ।

ଥରେ ଭଲ ଭାଇ ମନରେ ବିଚାର
କିପାଇଁ ମହାତ୍ମା ଏତେ ନାରଖାର !
କ୍ଷୀଣ ଅଙ୍ଗେ କେତେ ସହନ୍ତି କଷଣ
ତେଜି ଧନ ଜନ, ଅଶନ ବସନ;
କାରାଗାରେ ବସି ମାରିବେ ଏକାକୀ
ଧ୍ୟାନମଗ୍ନ ଏବେ ମୁଦ୍ରି ବେନି ଆଖି ।
ମହାତ୍ମା ସାଧନ ମହାତ୍ମା କଷଣ
ନ ଯାଏ ଜଗତେ କେବେ ଅକାରଣ ।
ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର
ମାନେ ଅବଶେଷେ ସତ୍ୟ ପାଖେ ହାର !
ଏ ବିଶ୍ୱାସେ ସର୍ବେ ଦୃଢ଼ କର ମନ
ସ୍ୱରାଜ୍ୟ ଧରମ କର ଆଚରଣ ।
ବିଦେଶୀ ଅମେଧ୍ୟ ବସ୍ତ୍ର ଛାଡ଼ ଆଗେ
ହାତସୂତା ଲୋଡ଼ା ଏ ସ୍ୱରାଜ୍ୟ-ଯାଗେ ।
ପିନ୍ଧ ଦେଶୀ ଲୁଗା ହେଉ ଅଙ୍ଗ ଶୁଦ୍ଧି,
ମାମଲାରେ ଆଉ ନ ଖେଳାଅ ବୁଦ୍ଧି ।
ଗ୍ରାମେ ପଞ୍ଚ ପର ପରମ ଈଶ୍ୱର
କର ପୁଣି ଗ୍ରାମେ ସ୍ଥାପନା ତାଙ୍କର ।
ସର୍ବେ ବାନ୍ଧ ମେଳ ତାଙ୍କୁ ମାନ ଚଳ,
ପ୍ରକାଶିବ ଗ୍ରାମେ ପୁଣି ନବ ବଳ ।

ନ ଲୁଟିବ ମିଥ୍ୟା ଜାଲ ପ୍ରବଞ୍ଚନ,
ନ ଖାଇବେ ଭୂତ ତୁମ ଗ୍ରାମଧନ ।”

× × ×

“ଗ୍ରାମ ଭିତରରେ ସକଳେ ସମାନ
ଛାଡ଼ ମନୁ ବଡ଼ ସାନ ଅଭିମାନ ।
ସ୍ୱରାଜ୍ୟ-ଧରମେ ନାହିଁ ଭେଦ ଜ୍ଞାନ,
ସମସ୍ତେ ଯେ ଏକ ମାତାର ସନ୍ତାନ ।
ଏକା କୋଳେ ଜନ୍ମ ଏକା କୋ'ଳେ ଖେଳ,
ଏକା କୋଳେ ଶଯ୍ୟା ହେଲେ ଶେଷ ବେଳ ।
ଗୃହରେ ଅରଟ, ଗ୍ରାମେ ପଞ୍ଚାୟତ,
ଗ୍ରାମବାସୀଗଣ ମଧ୍ୟେ ଏକମତ,
ସ୍ୱରାଜ୍ୟ-ସାଧନେ ଏହି ତିନ ପଦ,
ପାଳିଲେ ଖଣ୍ଡିବ ଉତ୍କଳ-ବିପଦ ।
ଘୁଞ୍ଚିବ ଉତ୍କଳ ଦୁଃଖ ଦରିଦ୍ରତା
ଉଜ୍ଜ୍ୱଳିବ ଗ୍ରାମ, ହସିବେ ଦେବତା ।
କହିଲ କି କେତେ ହୃଦୟ ଆବେଗେ
ଛୁଟିଲେ ଏ ଦାରୁଣ ରେଳ କେଉଁ ବେଗେ !
ଡେଇଁ ଆସିଅଛୁ ଏବେ ମହାନଦୀ
କଳରେ ଉତ୍କଳ ପୂତ ବକ୍ଷ ଛେଦି ।

ଆଗରେ ଦିଶେ ଏ ଶୈଳ ବନାତ୍ମକ,
ନମେ ପଦେ ପ୍ରଭୁ ବିଘ୍ନବିନାଶକ ।
ଆଦ୍ୟେ ତବ ପୂଜା ଶୁଭ ଅନୁଷ୍ଠାନେ,
ଯାଉଛି ଉତ୍କଳ ଛାଡ଼ି ଦୂର ସ୍ଥାନେ ।
କର କୃପା ମୋର ଶୁଭ ହେଉ ପଥ,
କାର୍ଯ୍ୟରେ ମୋର ପୂରୁ ମନୋରଥ ।
ଯାଇଛି ଏ ପଥେ କେତେ ଥର ଆଗେ,
କିପାଇଁ ଚଞ୍ଚଳ ମନ ଆଜି ଲାଗେ ?
ଲାଗେ ଛାଡ଼ିଗଲି କିଛି ଅତି ପ୍ରିୟ,
ଅକୁହା ରହିଲା କିବା ଗୋପନୀୟ ।
କାହାକୁ ଦେଖନ୍ତୁ ପରା ଆଉ ଥରେ,
ନିଶ୍ଚିତ କିଛି ତ ନ ପଡ଼େ ମନରେ ।
ଜାଣୁଛି ଏ ମୋର ନିଜ ଦୁର୍ବଳତା,
ମାନବ-ହୃଦୟର ସହଜ ମମତା ।
ମମତାର ଆଉ କାହିଁ ଅବକାଶ,
ପ୍ରକାଶିଲେ ହୃଦେ ପରମ ବିଶ୍ୱାସ ?
ମାନବଜୀବନ ନୁହେଁ ମିଥ୍ୟା ଭଣ
କିବା କୂଟନୀତି କୌଶଳ ପ୍ରଧାନ ।
ଏ ଜୀବନ ସତ୍ୟ ଶୁଦ୍ଧ ସାରତତ୍ତ୍ୱ
ତତ୍ତ୍ୱ ଅନୁବନ୍ଧ ମାନବର ସତ୍ତ୍ୱ ।

ଯା ଜୀବନ-ଗତ ତତ୍ତ୍ୱ-ଅଭିମୁଖୀ,
ସେହି ଏକା ଦୁଖୀ, ସେହି ଏକା ସୁଖୀ ।
ତତ୍ତ୍ୱର ସାଧନେ କୃତକୃତ୍ୟ ଜନ,
ଲଭଇ ମରଣେ ଅମୃତ-ଜୀବନ ।
ସତ୍ୟ ସନାତନ ପ୍ରଭୁ ଭଗବାନ,
ଏ ଭାବେ କର ମୋ ହୃଦ ବଳୀୟାନ ।
ସ୍ୱରାଜ୍ୟ-ସାଧନେ ରହୁ ମୋର ଧ୍ୟାନ,
ଭାରତେ ସ୍ୱରାଜ୍ୟ ଜଗତ-କଲ୍ୟାଣ ।
ଜଗତ-ସରସେ ଭାରତ-କମଳ,
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।
ଥିଲେ ଯହିଁ ତହିଁ ଭାରତ-ବକ୍ଷରେ
ମଣିବି ମୁଁ ଅଛୁ ଆପଣା କକ୍ଷରେ ।
ମୋ ନେତ୍ରେ ଭାରତ-ଶିଳା ଶାଳଗ୍ରାମ,
ପ୍ରତି ସ୍ଥାନ ମୋର ପ୍ରିୟ ପୁରୀଧାମ ।
ସକଳ ସଲିଳ ପଞ୍ଚତୀର୍ଥ ଜଳ,
ପ୍ରତି ଧର୍ମାଳୟ ମୋର ନୀଳାଚଳ ।
ଭାରତେ କୈବଲ୍ୟ ସକଳ ଆହାର,
ଭାରତେ ଶ୍ମଶାନ ସ୍ୱରଗ ଦୁଆର ।
ଶ୍ରୀହରି-ଚନ୍ଦନ ଭାରତ-କର୍ଦ୍ଦମ,
କାରାଗାର ମୋର ସ୍ୱରାଜ୍ୟ ଆଶ୍ରମ ।

ଭାରତର ପ୍ରାନ୍ତ ବୃକ୍ଷ କଳ୍ପବଟ,
ପ୍ରଭୁ ଜଗନ୍ନାଥ ସର୍ବସ୍ୱ ପ୍ରକଟ ।
ସାମ୍ୟ ସ୍ୱାଧୀନତା ପ୍ରେମ ସମୁଦୟ
ନୀଳାଚଳ ଶୁଦ୍ଧ ଭାରତ-ହୃଦୟ ।
ଥିଲେ ଯହିଁ ତହିଁ ଭାରତ-ଶପୁଳେ,
ମଣିବ ମୁଁ ଅଛୁ ନୀଳଚକ୍ର ତଳେ ।
ପ୍ରଭୁ ଜଗନ୍ନାଥ ପତିତପାବନ !
ଜୀବନେ ମରଣେ ତୁମ୍ଭେ ମୋ ଶରଣ ।" ୧୦୪ ।

( ୭ )

"ପହଞ୍ଚୁ ରେଲ ଜେନାପୁରେ ଆସି,
ପରିଚିତ ମୋର ଜେନାପୁରବାସୀ ।
ଆସିଥିଲ ଥରେ ଦୁଇ ବର୍ଷ ତଳେ
ବୁଡ଼ିଥିଲ ଜେନାପୁର ଯେବେ ଜଳେ ।
କେତେ ଗ୍ରାମ, କେତେ ଘର, କେତେ ଧନ
ହୋଇଥିଲ ବନ୍ୟା-ସ୍ରୋତେ ଉଚ୍ଛନ୍ନ ।
କେତେ ଗ୍ରାମଦାଣ୍ଡେ ଖେଳୁଥିଲ ସୁଅ,
କେତେ ନୟନରୁ ବହୁଥିଲ ଲୁହ ।
କେତେ ନରନାରୀ, କେତେ ଗୋରୁଗାଈ
ମରୁଥିଲେ କଷ୍ଟେ ଆହାର ନ ପାଇ ।

ପଡ଼ିଗଲେ ମନେ ସେ ବେଳ ଘଟଣା
ହୃଦେ ହୁଏ ଏବେ ଦାରୁଣ ବେଦନା ।
ବନ୍ୟା ଝଞ୍ଜାଘାତେ ଉତ୍କଳ-ଦୁର୍ଦ୍ଦଶା
ଝଲ୍‌ସିଲେ ମତି ହୁଅଇ ବିବଶା ।
ଚିଲିକାକୂଳରୁ ସ୍ୱର୍ଣ୍ଣରେଖା ଯାଏ
ମୁହୂର୍ତ୍ତିକେ ମୋର ଆଖି ବୁଲିଯାଏ ।
ଯେତେ ସ୍ଥାନେ ଯେତେ ଲୋକଙ୍କ କଷଣ
ଦେଖିଛି ପଲକେ ହୁଅଇ ସ୍ମରଣ ।
ଦୁର୍ଭିକ୍ଷ ବନ୍ୟାର ଚିର ସହଚର,
ଏକ ପଛେ ଅନ୍ୟ ଆସେ ନିରନ୍ତର ।
ସହି ସହି ବନ୍ୟା-ଦୁର୍ଭିକ୍ଷ-ପ୍ରହାର
ଉତ୍କଳର କେତେ ପଲ୍ଲୀ ଛାରଖାର ।
କେତେ ଗ୍ରାମ ଶୂନ୍ୟ, କେତେ ଘର ଖାଲି,
କେତେ ଶସ୍ୟକ୍ଷେତ୍ରେ ପୂରିଅଛି ବାଲି;
ନିରାଶା ଆତଙ୍କେ ପ୍ରଜା ଅବସନ୍ନ,
ମରୁଛନ୍ତି କେତେ ନ ପାଇଣ ଅନ୍ନ ।
ପଡ଼େ ମନେ ମୋର ଯେବେ ସିନ୍ଧୁକୂଳେ
ମାଲାଚଳେ ଗାନ୍ଧି ଥିଲେ ପତ୍ନୀ ଭୁଲେ ।
ଦେଖି ଉତ୍କଳର ଦୁର୍ଭିକ୍ଷ ଆଭାସ
ପାଇଥିଲେ ହୃଦେ ଗୁରୁତର ତ୍ରାସ ।

କେତେ ନରନାରୀ ବୃଦ୍ଧ ଯୁବା ବାଳ,
(ଅନାହାରେ ଯେହ୍ନୁ କେବଳ କଙ୍କାଳ)
ଦେଖିଣ ମହାତ୍ମା କାତର ଅନ୍ତରେ
କହିଥିଲେ ମତେ ଦୁଃଖେ ଏକାନ୍ତରେ—
'ଦେଖି ଏ ଦାରୁଣ ଦୃଶ୍ୟ ହୁଏ ମନ
ଅନଶନେ ଆଜ ତେଜନ୍ତ ଜୀବନ ।
ବଞ୍ଚିବାରୁ ବଳ ଦେଖି ଏ କଷଣ
ଶତ ଗୁଣ ଶ୍ରେୟ ମଣେ ମୁଁ ମରଣ ।
ମାତ୍ର ମୋ ପରାଣେ ରହିଛି ଭରସା,
ଅଚିରେ ଦେଶର ଘୁଞ୍ଚିବ ଏ ଦଶା ।
ଏସବୁ ଯାତନା ନର କର୍ମଫଳ
ହୋଇଛି ଏ ଦେଶେ ପାତକ ପ୍ରବଳ ।
ଦେଶବାସୀଙ୍କର ହେଲେ ଆତ୍ମଶୁଦ୍ଧି
ସତ୍ୟେ ଅନୁରାଗ ଧର୍ମେ ଦିବ୍ୟ ବୁଦ୍ଧି,
ମେଣ୍ଟିବ ଦୁର୍ଗତି ଦୁଃଖ ଯିବ କ୍ଷୟ,
ଆସିବ ସୁଦିନ ହେବ ସୁଖୋଦୟ ।'
ଛାଡ଼ିବାକୁ ଗାଡ଼ି ଦେଲଣି ସଙ୍କେତ,
ବାଜେ ଶେଷ ଘଣ୍ଟା, ଉଡ଼େ ନୀଳକେତ ।
ସୁବିଧା ଥିଲେ ମୁଁ ଓହ୍ଲାନ୍ତି ଏଠାରେ,
ଦେଖିଯାନ୍ତି ଜେନାପୁର ଏବେ ବାରେ ।

ବୁଲି ବ୍ରାହ୍ମଣୀର ତୀର-ଜନପଦେ,
ବିଦାୟ ନିଅନ୍ତି କହି ପଦେ ପଦେ ।
ଦେଖନ୍ତି କପରି ଅଛନ୍ତି ମୋ ଭାଇ
ଦଇବୀ ମାନୁଷୀ ଦାଉ ଧକ୍କା ଖାଇ ।
ବ୍ରାହ୍ମଣୀ ବାଲିରେ ସାନ୍ଧ୍ୟ ସମ୍ମିଳନେ
କହି ଯାଉଥା'ନ୍ତି ଥିଲି ଯାହା ମନେ ।
ଗୁଳିଲି ପରା ଏ ନଦ ରୁଣ ଗାଡ଼ି,
ଜେନାପୁର ସତେ ଅଇଲି କି ଗୁଡ଼ି ?
ଏହି ଯେ ପଡ଼ିଲି ଜେନାପୁର ସେତୁ
ବ୍ରାହ୍ମଣୀ ବିଶାଳ ବକ୍ଷେ ଧୂମକେତୁ ।
ଥାଅ ଗୋ ବ୍ରାହ୍ମଣି ପୀନପୟୋଧରା !
ହେଉ ତୁମ୍ଭ ଯୋଗେ ଉତ୍କଳ ଉର୍ବରା,
ଖରସ୍ରୋତା ସଙ୍ଗେ କରି ତୁ ମନ୍ତ୍ରଣା
ତଟବାସୀ ଜନେ ନ ଦିଅ ଯନ୍ତ୍ରଣା ।
କେନ୍ଦ୍ରାପଡ଼ା, ଯାଜପୁର ପ୍ରଜାକୁଳ,
କରି ନାହିଁ ବନ୍ୟା ଉତ୍ପାତେ ବ୍ୟାକୁଳ ।
ସେ ଭାଇ ସକଳ ମୋର ପ୍ରିୟତମ,
ତାଙ୍କ ସେବା ମୋର ଜୀବନେ ପ୍ରଥମ ।
ଖରସ୍ରୋତା ତୁମ୍ଭ ଚିର ସହଚରୀ
ମାଗୁଛି ବେନିଙ୍କି ନମସ୍କାର କରି—

ତରଙ୍ଗ-ହିଲ୍ଲୋଳେ କଳ କଳ ତାନେ
ନିଅ ମୋ ସନ୍ଦେଶ ସେ ଭାଇଙ୍କ କାନେ ।
ଗ୍ରାମୁଁ ଗ୍ରାମାନ୍ତରେ ପବନ-ଲହରେ
ଉଡ଼ିଲେ ଏ ବାର୍ତ୍ତା ଖେଳୁ ଘରେ ଘରେ ।
ଥାଅ ଯାଜପୁର କେନ୍ଦ୍ରାପଡ଼ା ଭାଇ,
ଦେଖାହେବ କେବେ ଲେଉଟିଲେ ଯାଇ ।
ବନ୍ୟାରୁ ବରତ୍ତି ନ ପାଇ ଶକତି
ଜାଣେ ମୁଁ ଭେଟିଛ ବିଷମ ବିପତ୍ତି ।
କାରାଗାରେ ମୋତେ ପଡ଼ୋଶୀ ତୁମର
ଦେଇଛନ୍ତି ଅଗ୍ନି ଉତ୍ପାତ ଖବର ।
କେ ପୋଡ଼ିଲା ଘର, କେ ସହେ ଗଞ୍ଜଣା !
ଏ ବିଚିତ୍ର ରାଜ୍ୟେ ଅଛି ବୁଝାମଣା ।
ହେଲା ଗୃହଦାହ ସଙ୍ଗେ ଅର୍ଥନାଶ,
ପରେ ପ୍ରାଣପୀଡ଼ା ପୁଣି କାରାବାସ ।
ବାସେ ଅଗ୍ନି ଯେହୁ ଦେଲା ଆତତାୟୀ
ତାର ଖୋଜା ନାହିଁ, ଗଲା ସେ ବା କାହିଁ ?
ଆହା ଉତ୍କଳର କେତେ ଗ୍ରାମେ ଲୋକ,
ନରଶ୍ରେଷ୍ଠ ଆଜ କରୁଛନ୍ତି ଶୋକ !
କାହା ଗୃହ ଭସ୍ମ, କାହା ଗୃହ ନଷ୍ଟ,
କାହା ପୁଅ ଭୋଗେ କାରାଗାରେ କଷ୍ଟ !

ଏଥିଲାଗି ଖାଇ ନ କର ଭାବନା
ଏ ତ ବିନା ମେଘେ କୁଳଶ ସୃଜନା ।
ନାହିଁ ନିଜ ଦୋଷ ଯେବେ ଭଲେ ଜାଣ
ଜାଣ କମ୍ପା କାହିଁ ହେଲା ଏ ଭିଆଣ;
ନ କର ଶୋଚନା ରଖ ଧର୍ମେ ସାକ୍ଷୀ,
ଗୂଢ଼ ବ୍ୟୂହ ଭେଦେ ସେ ଅଦୃଶ୍ୟ ଆଖି ।
ବିହିଲା ଭୂମ୍ଭର ଯେହୁ ଏ ବିପତ୍ତି,
ଜାଣ ସେ ପାପୀର ନାହିଁ ଭଲ ଗତି ।
ନିଜ କଲା କର୍ମ ଭୋଗେ ନିଜେ ନର,
ଏଡ଼ି ନ ପାରେ ତା ବ୍ରହ୍ମା ହରିହର ।
ଧର୍ମ-ନିକଟରେ ହୁଏ ସେ ତଉଲ
ପରମାଣୁ ତହିଁ ଯାଏ ନାହିଁ ଭୁଲ ।
ଇତର ଜନର କଥା କିବା ଛାର,
କେତେ ଜାତି କେତେ ବ୍ୟକ୍ତି ବଳିଆର;
ନିଜ କର୍ମଦୋଷେ ଯାଇଛନ୍ତି ନାଶ,
ପ୍ରମାଣ ତହିଁର ଶାସ୍ତ୍ର ଇତିହାସ ।
ଜତୁଗୃହ ଜାଲ ମାମୀ ଦୁର୍ଯ୍ୟୋଧନ,
ଜାଣିଛ ଲଭିଲା କପଟି ନିଧନ ।
ନ ନେଲା ସେ କଂସ କେତେ ଶିଶୁପ୍ରାଣ,
କହ କେତେ ଦିନ ରହିଲା ସେ ଠାଣ ?

ପଶ୍ଚିମ-ରାଇଜେ ହେରଡ଼ ନୃପତି
ଥିଲା କଂସ ସମ ଦୁରାତ୍ମା ଦୁର୍ମତି ।
ପ୍ରଭୁ ଯିଶୁ ପ୍ରତି ମନେ ବହି ରୋଷ,
ଶିଶୁହତ୍ୟା ଆଦି କଲା ନାନା ଦୋଷ ।
ଥିଲା ସେହିପରି ମିଶରେ ଫେରସ୍,
ଗଲେ ଏ ସକଳେ ଯଥାକାଳେ ଧ୍ୱଂସ ।
ଶାସ୍ତ୍ର-ପୁରାଣର ବୁଝି ଏ ଚରିତ
ନ କର ବିପଦେ ଚିତ୍ତ ବିଚଳିତ ।
ମନେରଖ ଭାଇ ମହାତ୍ମା ଭାଷଣ,
ଆମ ପାପଫଳେ ଆମର କଷଣ ।
ହେଲେ ଆତ୍ମଶୁଦ୍ଧି ସୁନିର୍ମଳ ମତି,
ପ୍ରକାଶିବ ତେଜ ସମ୍ପଦ ଶକତି ।
ଏ ବିଶ୍ୱାସ ସଦା ହୃଦେ ଦୃଢ଼େ ଧର,
ଗୃହଦାହ ଯୋଗୁଁ ଗ୍ରାଡ଼ ବୃଥା ଡର ।
ବିପଦ ପ୍ରଭୁଙ୍କ କଷଟି-ପାଷାଣ,
ପରଖନ୍ତି ତହିଁ ନର ହୃଦଟାଣ ।
ବିଦଗଧ ହେଲେ ବିପଦ-ଅନଳେ
ଭସ୍ମ ନୋହି ଯେହ୍ନ ଦାଉ ଦାଉ ଜଳେ,
ସେହି ଏକା ଶୁଦ୍ଧ ସୁବର୍ଣ୍ଣ-ହୃଦୟ;
ଲଭେ ଆଶ୍ୱାସନା ଅଭୟ ବିଜୟ ।

ହେଲା ଗୃହେ ଯେଉଁ ଅଗ୍ନି ପ୍ରଜ୍ୱଳିତ
ନୁହେଁ ବୃଥା ତାହା, ବିଧାତା ଇଙ୍ଗିତ ।
ବୁଝିଲେ ଦେଖିବ ତହିଁ ଗୂଢ଼ ତତ୍ତ୍ୱ
ଜାଳ ହୃଦେ ଅଗ୍ନି ଶୁଦ୍ଧ କର ସତ୍ତ୍ୱ ।
ବାସୁଁ ଲଭିଅଛୁ ବାହ୍ୟ ହୁତାଶନ,
ଅନ୍ତରେ ଅନଳ ଜଳୁ ଅନୁକ୍ଷଣ ।
ସତ୍ୟ-ବହ୍ନି ବର୍ଜେ ତହୁ ମଳିନତା,
ପରକାଶୁ ନର-ପରାଣେ ଦେବତା ।
ହେଉ ଗୃହ ନାଶ ଅବା କାରାବାସ,
ଯାଉ ପଛେ ପ୍ରାଣ ନ ଯାଉ ବିଶ୍ୱାସ ।
ସତ୍ୟ-ଶାନ୍ତି-ପଥେ ଚଳ ଅବିରତ,
ଗ୍ରାମେ ଗ୍ରାମେ ସର୍ବେ କର ପଞ୍ଚାୟତ ।
ଚଳାଅ ଅରଟ ଛାଡ଼ ମନୁ ଭ୍ରାନ୍ତି,
ତେଜ ଉଚ୍ଚ ନୀଚ ଘୃଣା ଭେଦ-ନୀତି ।
ସ୍ୱୈର ନାରୀ ନିଶା ଆଦି ଦୁରାଚାର,
ନ କରୁଁ ଦୂଷିତ ଗ୍ରାମ ପରିବାର ।
ଏ ଆଚାରେ ହେବ ଜଗତ ମଙ୍ଗଳ,
ଯଥା କାଳେ ମେଘ ବରଷିବ ଜଳ ।
ଧନ ଧାନ୍ୟେ ସୁଖୀ ହେବ ପ୍ରଜାଗଣ,
ନ ଦେଖ କି ଭାଇ ଏ ଶୁଭ ସୂଚନ ?

ଦେବଦୂତ ରୂପେ ପ୍ରଭୁର ସନ୍ଦେଶ
କରନ୍ତି ମହାତ୍ମା ନିଜ କାର୍ଯ୍ୟ ଶେଷ ।
ହେ ଉତ୍କଳବାସି, ସେ ସନ୍ଦେଶମାନ,
କର୍ମେ ଲାଗ ସଦା ହୋଇ ସାବଧାନ ।
ଗ୍ଲ ଏହି ପଥେ ମିଳିବ ମୁକତି
ଦେଶ ମୋର ଏହି ଅଭିପ୍ରାୟ ବିନତି ।
ହୋଇଅଛି ଏବେ ଦିବା ଅବସାନ,
ଭଦରଖେ ଆସି ପହଞ୍ଚିଛି ଯାନ ।
ଭଦରଖ ମୋର ଅତି ପ୍ରିୟସ୍ଥାନ,
ଏଠା କର୍ମେ ମୋର ପହିଲି ସମ୍ମାନ ।
ଏଠା ବାହାଦୁର ବଡ ଫରଚଣ୍ଡି,
ତାଙ୍କ ଦସ୍ତାରେ ମୋ ଆଦ୍ୟ କାରାଦଣ୍ଡ ।
ସ୍ଥାନ ବଡ଼ କେତେ କର୍ମୀ ନିଷ୍ଠାପର,
ଦେଖିଲେଣି କେତେ ଥର ମାମୁ ଘର ।
ତଥାପି ସ୍ୱରାଜ୍ୟ ଯୋଗ ନୁହେଁ ଊଣା,
ବଢ଼ଇ କର୍ମୀଙ୍କ ବଳ ଚତୁର୍ଗୁଣା ।
ପଡ଼ିଲେ ସମିଧ ଆହୁତି ଅନଳେ
ନ ଲିଭେ ସେ ପୁଣି ଦାଉ ଦାଉ ଜଳେ ।
ପଦାଘାତ ଯେବେ କଲେ ନାଗ-ଚୂଳେ,
ନାଗ କି ପଳାଏ ଫଣ ଆକୁଳେ ?

ଭଦରଖ କର୍ମୀ ଧନ୍ୟ ତୁମ୍ଭ ବଳ !
ଏପରି ସାଧକ ଲୋଡ଼ଇ ଉତ୍କଳ ।
ତେଜି ସବୁ ମାୟା ପରିବାର ଭୋଗ,
ସାଳନ୍ଦୀ-ପୁଳିନେ ଆରମ୍ଭିଛ ଯୋଗ ।
'ମନ୍ତ୍ର ସିଦ୍ଧି କିମ୍ବା ଶରୀର ପତନ'
ଜାଣେ ମୁଁ କରିଛ ଏହି ମହା ପଣ ।
ଏହି ପଣ ଏକା ଭଦ୍ରଖ ଉଚିତ
ସାଧୁ ସମାଗମେ ଯା ରେଣୁ ପବିତ୍ର ।
ନୀଳାଚଳଯାତ୍ରୀ ପ୍ରେମିକ ନିମାଇଁ
ଥିଲେ ପରା ଏଥି କେତେ ଦିନ ପାଇଁ !
ସେ ଶୁଭଦିନର ପୁଣ୍ୟ ନିଦର୍ଶନ,
ରଖିଛି ଭଦ୍ରଖ କରି ଗଣ୍ଠିଧନ ।
ଏବେ ପୁଣି ହେଲେ ଗାନ୍ଧି ମହାମତି
ଭଦ୍ରଖ ଅତିଥି ଅହିଂସା ମୂରତି ।
ଭଦରଖବାସୀ ହିନ୍ଦୁ ମୁସଲମାନ
ଏ ଆତିଥ୍ୟ ନୁହେ ସାମାନ୍ୟ ସମ୍ମାନ ।
ଉତ୍ତର କାଳକୁ ପୁଅ ନାତି ପାଇଁ
ଏ ସୌଭାଗ୍ୟ-ସ୍ମୃତି ରଖିବ ତ ଭାଇ ?
ଛାଡ଼ ତେବେ ମନୁଁ ଭେଦ ଅଭିମାନ,
ବେଦ କୋରାନରେ କର ସମଜ୍ଞାନ ।

ହିନ୍ଦୁ ମୁସଲମାନ ବୌଦ୍ଧ ଖ୍ରୀଷ୍ଟିଆନ
ଶିଖ ଜୈନ ଯେତେ ଭାରତ-ସନ୍ତାନ ।
ଯେତେ ଧର୍ମ, ଯେତେ ବର୍ଣ୍ଣ-ଜାତି-କୁଳ
ଭାରତ-ଜନନୀ ସମସ୍ତଙ୍କ ମୂଳ ।
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ,
ଏକଇ ଅନୁଭୂତି ଏକଇ ଶ୍ମଶାନ ।
ଏକ କର୍ମଖେଳ, ଏକ ମାତୃପଦେ
କର ଏକପ୍ରାଣ ସମ୍ପଦେ ବିପଦେ ।
ଏକତା ମନ୍ତ୍ରରେ ରଖ ସଦା ମତି
ହେବ ଏହି ଭାବେ ସ୍ୱରାଜ୍ୟ ପ୍ରାପତି ।
ଭଦରଖ ଭାଇ ହିନ୍ଦୁ ମୁସଲମାନ,
ଜାଣେ ମୁଁ ଧରିଛ ହୃଦେ ବଡ଼ ଟାଣ ।
କେତେ ପ୍ରଲୋଭନ, କେତେ ପ୍ରତାରଣା,
କେତେ ବାଧାବିଘ୍ନ, କେତେ ଭର୍ତ୍ସନା;
ଏଡ଼ିଅଛ ସବୁ ନିର୍ଭିକ ଅନ୍ତରେ,
ଚାଲିଅଛ ଦମ୍ଭେ ସ୍ୱରାଜ-ପଥରେ ।
ରଖ ଏହି ଦମ୍ଭ ଛାଡ଼ି ନାହିଁ ସ୍ପୃହା,
ହୁଅନ୍ତୁ ବିପଦେ ପ୍ରଭୁ ତୁମ୍ଭ ସାହା ।
ଭଦରଖବାସି, ଆଉ ଏକ କଥା
ପଡ଼ିଲେ ଏବେ ମନେ ହଏ ମର୍ମବ୍ୟଥା ।

ଯେତେ କାଳ ମୋର ଥିବ ଭବେ ଆୟୁ,
ବହୁଥିବ ଯେତେ ଦିନ ପ୍ରାଣବାୟୁ,
ଥାଏଁ ଯହିଁ ତହିଁ ଦୂରେ ବା ନିକଟେ,
ରହିବ ସେ ଦୁଃଖ-ଦାଗ ଚିତ୍ତପଟେ ।
ଦୁଃଖିମା କନିକା କରୁଣ କୁହାଟ
ଲାଗେ ଯେହ୍ନେ ଭେଦି ଶିଳ ବନ ପାଟ;
ସାଳନ୍ଦୀ ସଲିଳେ ପ୍ରତିଧ୍ୱନି ତାନେ
କ୍ରନ୍ଦନ ନିନାଦ ବାଜଇ ମୋ କାନେ ।
ଭଦ୍ରଖ କନିକା ଚିର ପ୍ରତିବେଶୀ
କନିକା ଦୁଃଖ କି କହିବ ବିଶେଷି ।
ଜାଣିଛ, ଶୁଣିଛ ସବୁ ବିଶ୍ୱପାତ,
ପଡ଼ୋଶୀ ସେନେହେ ସହିଛ ଆଘାତ ।
ହାସିତ କନିକା ପ୍ରଜା ପ୍ରତି ସଦା
ରଖିଥିବ ଭାଇ ସୋଦର-ଶରଧା ।
କନିକା ଯିବାକୁ ବାଟ ଭଦରଖ,
ଥାନ୍ତା ଯେବେ ମୋର ବିହଙ୍ଗମ ପକ୍ଷ,
ଉଡ଼ିଯାଇ ଦେଖି ଆସିଥାନ୍ତି ଥରେ
କନିକା ପ୍ରଜାଙ୍କୁ ଶିକ୍ତ ଭଙ୍ଗା ଘରେ ।
ଆହୁଁସି ପିଠିରୁ ପ୍ରହାର-ପରସ
ହରି ପାଇଥାନ୍ତି ପରାଣେ ଆଶ୍ୱାସ ।

ଫତରପୁରର ଶର ସନ୍ନିଧାନେ
ମଲେ ପ୍ରଜା ବେନ ଯହିଁ ଅଗ୍ନିବାଣେ,
ନିଷ୍ପାପ ନିର୍ଦ୍ଦୋଷ ପବିତ୍ର ଶୋଣିତ
କରିଛି କନକାଭୂମି ଯହିଁ ସିକ୍ତ,
ସେ ଶୁଦ୍ଧ ମୃତ୍ତିକା ଲଗାଇ ମୁଁ ଶିରେ,
ତେଜ ନେହମାର ସରୋବର ତୀରେ,
ଲଭିଥାନ୍ତି ଥରେ ଅନ୍ତରେ ସାନ୍ତ୍ୱନା,
ଅପୂର୍ଣ୍ଣ ରହିଲା ଆହା ଏ ବାସନା !
ଲୋଡ଼ୁଥିଲେ କେତେ ଥର ମୋ ଆଗମ,
ଆସି ନ ପାରିଲି କେବେ ମୁଁ ଅଧମ ।
ଯାଇଥିଲି ଥରେ ରାଜ ଆମନ୍ତ୍ରଣେ,
ମରୁଥିଲେ ଲୋକେ ଯେବେ ଅନଶନେ ।
ଆସିଥିଲେ ଯଥାକାଳେ ଆଉ ବାରେ
ପଡ଼ି ନ ଥାନ୍ତେ ବା ପ୍ରଜା ଅତ୍ୟାଗ୍ନିରେ ।
ରହିଛି ମନେ ଏ ଚିର ଅବଶୋଷ,
କ୍ଷମା ହୋଇଥାନ୍ତି ମାଗି ନିଜ ଦୋଷ ।
ଏବେ ଯେ କନକା, ଆସିଛି ମୁଁ ଉଡ଼ି,
କି ଦାରୁଣ ଦୃଶ୍ୟ ! ଯାଏ ଚେତା ବୁଡ଼ି ।
ଯମଦୂତ ପ୍ରାୟେ କ୍ରୂର ରାଜଥାଟ,
ବୁଲନ୍ତି ରୌଦ୍ରବେଗେ ଗ୍ରାମ ହାଟ ବାଟ ।

ଲୁଟନ୍ତି ପରଜା ଘର ବାଡ଼ିଖେତ,
ମାରନ୍ତି ଗୁଣ୍ଡା କାହାକୁ ବା କେତ;
କୁଳାଙ୍ଗନା ପରେ ଘୋର ଆକ୍ରମଣ
ବିକଳେ ବିଧୁରା କରଇ ରୋଦନ ।
କନକାର ରାଜଧାନୀ ଚଉପାଶେ
ପ୍ରେତ ଆତ୍ମା ଯେନ ଉଡଇ ଆକାଶେ ।
ବିନ୍ଦୁ ବିନ୍ଦୁ ରକ୍ତ ପଡ଼େ ତହୁଁ ତଳେ,
ସେ ରକ୍ତେ ଭୀଷଣ ଅଗ୍ନିଶିଖା ଜଳେ ।
ସିଞ୍ଚି ସିଞ୍ଚି ଶୁଖେ ଗଙ୍ଗାନଦୀ ଜଳ,
ନ ଲିଭି ପ୍ରବଳ ଜଳେ ସେ ଅନଳ ।
ଶୁଭେ ଚଉଦିଗେ କାତର ଚିତ୍କାର,
ପଳାଏଁ ପରଜା ଛାଡ଼ି ଘରଦ୍ୱାର ।
ପଥେ ଗର୍ଭିଣୀର ଭୟେ ଗର୍ଭସ୍ରାବ,
ଉଠଇ ଗୋଗୋଷ୍ଠେ ବିକଟାଳ ରାବ ।
ମହା ବିପର୍ଯ୍ୟୟ, ମହା ବିଭୀଷିକା,
କମ୍ପେ ମହାତଙ୍କେ ଦୁଃଖିନୀ କନକା ।
ବହେ ଅଣରୁଣ ଝଡ଼ ଝଞ୍ଜା ବାତ,
ଏ କି ଭୟଙ୍କର ଅଦ୍ଭୁତ ଉତ୍ପାତ ।
ଏ କି ମୋ କଳ୍ପନା — ସତ୍ୟ ନା ସ୍ୱପନ ?
ବାଜେ ରେଳଘଣ୍ଟି, ଆସିଲା ଚେତନ ।

ଆଜି ଏକ ଘଣ୍ଟି ଗୁଡ଼ୁଡେବ ରେଳ,
ଭଦରଖେ ପୂରି ଆସିଲା ମୋ ବେଳ ।
ଥାଅ ଗୋ ସାଳନ୍ଧ ! ଥାଅ ଭଦରଖ,
ଦୁଃଖିମା କନକାଠାରେ ସ୍ନେହ ରଖ ।
ଥାଅ ଗୋ କନକା ! ଭୋଗି ଭାଗ୍ୟ-ଲେଖା,
ବଞ୍ଚିଥିଲେ ପୁଣି ହେବ କେବେ ଦେଖା ।
ନ ତେଜ ସାହସ ନିରାଶ ନ ହୁଅ,
ବହୁଛି ନୟନୁ ତୋର ବହୁ ଲୁହ ।
ତୋର ଶତ ଶତ ନିରୀହ ସନ୍ତାନ,
ସହୁଛନ୍ତି କାରାକ୍ଲେଶ ଅପମାନ ।
ସହି ଏତେ କଷ୍ଟ ମନେ ନାହିଁ ଦ୍ୱେଷ,
ନାହିଁ ହୃଦେ ହିଂସା ଶେଷ ସମାବେଶ ।
ମଲେ କିନ୍ତୁ ହାତ ନାହାନ୍ତି ଉଠାଇ,
କର୍ମ କରୁଛନ୍ତି ଧର୍ମ ଅନୁଯାୟୀ ।
ଭୋଗିଙ୍କୁ ଶରଣେ ପୀଡ଼ା ଆୟୁ କ୍ଷତି,
ଜାଗିଅଛି କିନ୍ତୁ ପରଜା ଶକତି ।
ହେଉ ପଛେ ହେବ ଆଜି ଯେ ଯାତନା,
ସତ୍ୟେ ଚଳ କର ସତ୍ୟର ସାଧନା ।
ସତ୍ୟେ ମାନବର ସତ୍ତ୍ୱ ପରକାଶେ
ଭୀମ ରାଜଶକ୍ତି ନାଶେ ସତ୍ୟ ପାଶେ ।

ବେଗି ଯେବେ ପ୍ରଜା ଘୋର ଅତ୍ୟାଚାରେ,
ଆତୁରେ କରଇ କରୁଣ ଚିତ୍କାର,
ମାରବେ ଗଡ଼ାଏ ନୟନୁ ଲୋତକ,
ହୁଏ ଭୟେ ତାର ସ୍ତମ୍ଭିତ ଦକ ଦକ,
ନିର୍ଗତ ହୃଦୟୁ ବହେ ଦୀର୍ଘଶ୍ୱାସ,
ହେ କନକାବାସି ! ରଖ ଏ ବିଶ୍ୱାସ,
ସେ ଉଷ୍ଣ ନିଶ୍ୱାସ ଅଶ୍ରୁ ବିସର୍ଜନ,
ସେ ଦାରୁଣ ନାଦ ପ୍ରାଣ ପ୍ରକମ୍ପନ,
ନୁହେ ନିରର୍ଥକ, ନ ଯାଏ ବିଫଳ,
ହୁଏ ସେ ଲୋତକେ ହ୍ରିମାଚଳ ଜଳ ।
ସେ ନାଦେ କମ୍ପଇ ସ୍ୱର୍ଗ ସିଂହାସନ;
ଶୀତଳ ସେ ଉଷ୍ଣ ଶ୍ୱାସେ ହୁତାଶନ ।
ସେ ପ୍ରାଣ ପ୍ରକମ୍ପେ କମ୍ପେ ବସୁମତୀ;
କାଳେ ପ୍ରକଟଇ ଏ ଭୀମ ଶକତି ।
ପ୍ରପୀଡ଼ିତ ପ୍ରଜା ହୃଦୟ ନିଃସାର,
ସଞ୍ଚେ ସାବଧାନେ କାଳ ବଳ୍ଲୟାର ।
ଅଲକ୍ଷିତେ କରେ ଶକ୍ତି ଆୟୋଜନ,
ନ ଦେଖଇ ଯାହା ଅତ୍ୟାଚାରୀ ଜନ;
ଆସେ ଯେବେ ବେଳ, ପାଚେ କର୍ମଫଳ,
ସହସା ସେ ବଳେ କମ୍ପେ ଜଳ ସ୍ଥଳ ।

ଦୁଃଖିନୀ ଜନନୀ ନ ହୁଅ ଆତୁର,
ହେଉ ନିର୍ଯ୍ୟାତନ ଧନଦ୍ରବ୍ୟ ଜୂର ।
ଧର୍ମ୍ମ ପକ୍ଷେ ଜୟ ସଦା ସୁନିଶ୍ଚୟ,
ରଖ ହୃଦୟରେ ଏ ଦୃଢ଼ ପ୍ରତ୍ୟୟ ।
ପାହି ଆସିଅଛି ତୋର ଦୁଃଖ-ରାତି,
ରଖ ନିଜ ଦାବୀ ଦମ୍ଭ କର ସ୍ଥିତି ।
ନିଜ ଅଧିକାର ବୁଝି ଛାଡ଼ ଭୟ,
ଧୈର୍ଯ୍ୟ ଧର ହେବ ନ୍ୟାୟଯୁଦ୍ଧେ ଜୟ ।
ପାଇବେ ତୋ ପୁଏ ନ୍ୟାଯ୍ୟ ଅଧିକାର,
ଘୁଞ୍ଚିବ ଉତ୍କଟ ଚିର ଅତ୍ୟାଚାର ।
ତୋ ଆଦର୍ଶ ହେଉ ଉତ୍କଳେ ଅକ୍ଷୟ,
ଜାଗୁ ପ୍ରଜାକୁଳ ଛୁଟୁ ରାଜଭୟ ।
ମୋ ଶୁଭ କାମନା, ସ୍ନେହ ନେତ୍ରଜଳ
ଘେନ, ଏଥି ମୋର ଏତିକ ସମ୍ବଳ ।
ଥାଅ ମା ସାଳନ୍ଦୀ-ତଟ-ବିହାରିଣୀ
ଜୟ ଭଦ୍ରକାଳୀ ସଙ୍କଟତାରିଣୀ !
କରେ ଏହି ଦୂରୁଁ ଚରଣେ ପ୍ରଣତି,
ଦିଅ ମୋ ହୃଦୟେ ସାହସ ଶକତି ।
ମୋ ସାଧନା ପୁଣ୍ୟ ପୀଠ ହେଉ କାରା,
ମୋ ପ୍ରାଣ ପ୍ରତିଷ୍ଠା କର ତହିଁ ତାରା ।

କର ମା କରୁଣା ଭଦରଖ ପ୍ରତି,
ଭଦରଖବାସୀ ତୋ ଶିଶୁ ସନ୍ତତି ।
ହୁଅନ୍ତୁ ବଳିଷ୍ଠ କର୍ମଠ ସାହସୀ,
ଗଲେ ଯାଉ ପ୍ରାଣ ବାଜୁ ବୁକେ ଅସି ।
ନ ଫେରନ୍ତୁ କେବେ ପଛକୁ କାତରେ,
ସ୍ୱରାଜ୍ୟର ଶାନ୍ତି-ସଂଗ୍ରାମ ପ୍ରାନ୍ତରେ ।
କେତେ କି ଭାବନା ଜାଗେ ମୋ ଅନ୍ତରେ,
ଜଣାଇବି କିବା ଏବେ ତରତରେ ।
ଥିଲେ ମୋର ବଳ ଓହ୍ଲାଇ ଏ କ୍ଷଣେ
କହିଥାନ୍ତି ସବୁ ଶ୍ରୀପଦ ଦର୍ଶନେ ।
ମାତ ଜଗଦମ୍ବା କୁଳକୁଣ୍ଡଳିନୀ
ଅଗୋଚର ତୋର କିବା ଗୋ ଭାବନା !
ପ୍ରପୀଡ଼ନେ ପ୍ରଜା କରେ ହା ହା ନାଦ,
ମିଳି ନାହିଁ କି ମା ତୋତେ ଏ ସମ୍ବାଦ ?
ଉନ୍ମୁକ୍ତ ପବନେ ଉନ୍ମୁକ୍ତ ଅମ୍ବରେ
ସ୍ୱଚ୍ଛନ୍ଦ ପରାଣେ ବିହଙ୍ଗ ସଞ୍ଚରେ ।
ବନେ କରେ ପଶୁ ସ୍ୱଚ୍ଛନ୍ଦେ ବିହାର,
ନୁହଁ କି ସେ, ନୁହେ ଅଧୀନ କାହାର ।
ତିମି ତିମିଙ୍ଗିଳ ମତ୍ସ୍ୟ ଜଳଚର
ଖେଳନ୍ତି ସଲିଳେ ନ ଜାଣନ୍ତି ଡର ।

ଭାରତେ କେବଳ ନର ଜନ୍ତୁଁ ସ୍ଥାନ,
ନୁହେଁ ସେ ସ୍ୱଚ୍ଛନ୍ଦ, ନୁହେ ସେ ସ୍ୱାଧୀନ ।
ନାହିଁ ଦରବାରେ କାହିଁ ତାର ସ୍ଥାନ,
ସର୍ବତ୍ର ତାଡ଼ନା ଘୋର ଅପମାନ ।
ନିଜ ବାସେ ହେଲେ ନାହିଁ ତାର ଶାନ୍ତି,
ଭୋଗଇ ଗଞ୍ଜଣା କାହିଁ କେତେ ଧାନ୍ତି ।
ଭାରତ-ସନ୍ତାନ ଘୃଣ୍ୟ ଉପେକ୍ଷିତ,
ଭାରତ ଭାରତୀ ଶୃଙ୍ଖଳା ପିହିତ ।
ଭାରତ ବିଭବେ ଅପର ବିଳାସୀ,
ଭାରତ-ନିବାସୀ ଚିର ଉପବାସୀ ।
ନହୁଷ ଯଯାତି ଶିବି ମହାଯଶା
ଶାସିଲେ ଯେ ରାଜ୍ୟ ତାର ଏହି ଦଶା !
ରାମ ଯୁଧିଷ୍ଠିର ଯାର ନରପତି,
ସେ ପ୍ରଜାକୁଳର ଆଜି ଏ ଦୁର୍ଗତି !
ସମଦର୍ଶୀ ଗୁଣେ ଯହିଁ ଆକବର,
ତୋଷିଲେ ସକଳ ପରଜା-ଅନ୍ତର,
ସେ ରାଜ୍ୟର ପ୍ରଜା କେତେ କାଳ ଆଉ,
ଭୋଗିବେ ଉତ୍କଟ ରାଜମାତି ଦାଉ !
ଯେତେ ଦେବ ଦେବୀ ଅଛନ୍ତି ଉତ୍କଳେ,
ଯାଆନ୍ତି ପରା ସେ ସର୍ବେ ମାଳାଚଳେ ?

ବସେ ପର ତହିଁ ଦେବସଭା ନିତି,
ପଡ଼େ ନାହିଁ କି ଏ ରାଜ୍ୟ ଗତି ସ୍ମୃତି ?
ପ୍ରଜା ଭୋଗେ ଯେତେ ଦୁଃଖ ଦୁରନ୍ତର,
ସେସବୁ ତହିଁ କି ନ ହୁଏ ଗୋଚର ?
ନ ହେଲେ ମା ଥରେ ପ୍ରଭୁଙ୍କ ନିକଟେ,
ଏ ଦୁଃଖ ଗୁହାରି କରିବୁ ଆକଟେ ।
ବିସ୍ତାରି କହିବୁ ସବୁ କଥା ଠାଣେ;
ଘେନିବେ ଯେପରି ଭବ୍ୟ ଅବଧାନେ ।
କରୁଣା କଟାକ୍ଷେ ଚାହାନ୍ତୁ ସେ ବାରେ,
ବାଜିବ ସ୍ୱରାଜ୍ୟ-ଶଙ୍ଖ ସିଂହଦ୍ୱାରେ ।
ଉଡ଼ିବ ଅମ୍ବରେ ସ୍ୱରାଜ୍ୟ-କେତନ.
ପ୍ରତିଷ୍ଠିତ ହେବ ସ୍ୱରାଜ୍ୟ-ଶାସନ ।
ଦେବପ୍ରତିଷ୍ଠିତ ମହର୍ଷିସମ୍ମତ
ଜାଣିବ ଭାରତ, ଦେଖିବ ଜଗତ ।
ବିରାଜିବ ବିଶ୍ୱେ ଏକତା ସମତା,
ଶାନ୍ତି ଉଚ୍ଚାରିବେ ସ୍ୱରଗେ ଦେବତା । ୧୯୩ ]

ସମାପ୍ତ

*Ninth Edition—3000*

*1959*

ମୂଲ୍ୟ ଛଅ ଅଣା

ମୁଦ୍ରାକର
ଶ୍ରୀ ଉଦୟନାଥ ଷଡ଼ଙ୍ଗୀ
ସତ୍ୟବାଦୀ ପ୍ରେସ, କଟକ
୧୯୫୯